ଗାନ୍ଧାରୀଙ୍କ କଥାରେ କୁନ୍ତୀଙ୍କ ଶତଶୃଙ୍ଗଙ୍କୁ ସ୍ତୁତି ଓ ହସ୍ତିନା ଗମନ

ବଦୟନ୍ତି ଅଗସ୍ତି ଶୁଣସି ମନୁ ରାୟେ
ପୁତ୍ରଙ୍କୁ ନ ଦେଖିଣ ସେ ବିକଳ କୋଇନ୍ତାୟେ । ୧ ।
କୋଇନ୍ତାଙ୍କ ଅଗ୍ରତେ ସେ କହିଲେ ଭୂରିସର୍ବା
ଭୋ ମାତା ହସ୍ତିନା ପୁରକୁ ଚାଲ ଯିବା । ୨ ।
ମା ଗୋ ବାଟ ଚାହିଂ ଧୃତରାଷ୍ଟ ରାୟେ
ଅନ୍ନ ଭୋଜନ ନାହିଂ ଗୋ ତୁମ୍ଭର ଯିବା ଯାୟେ । ୩ ।
ଆମ୍ଭର ବଚନ ଗୋ ନ କର ବୋଲି ମାୟେ
ଗାନ୍ଧାରୀକି ପଠିଆଇଲେ ଧୃତରାଷ୍ଟ ରାୟେ । ୪ ।
ସେ ଚାରିପୁତ୍ର ଗୋ ଅଛନ୍ତି ତୋର ତହିଂ
ୟେ ପୁତ୍ର ଘେନି ଚାଲ ଯିବା ମହାମାୟୀ । ୫ ।
ଗାନ୍ଧାରୀ କୋଳ କରି ଧଇଲେ କୋଇନ୍ତାଙ୍କୁ
ମା ଗୋ ଯିବା ଚାଲ ଆମ୍ଭ ସଙ୍ଗେ ହସ୍ତିନା ଭୁବନକୁ । ୬ ।
କୋଇନ୍ତାୟେ ବୋଇଲେ ଗୋ ତୁମ୍ଭେ ନୋହସି ଦୟାବନ୍ତ
ସମ୍ଭାଳି ନ ପାରିବ ଗୋ ମୋହୋର ପୁଅନ୍ତ । ୭

ୟେବେ ମୋତେ ଅପାର କରିଛ ସଦୟେ
କାଳେ ମୋତେ ସମ୍ଭାଳି ନ ପାରିବ ବୋଇଲେ କୋଇନ୍ତାୟେ । ୮ ।
ସେ ଚାରି ପୁତ୍ର ଗୋ ଥାଆନ୍ତୁ ତୋର ତହିଂ
ୟେ ସାନ ପୁତ୍ର ଗୋ ଘେନି ୟେଥେ ଥାଇଂ ରହି । ୯ । ସଂଖ୍ୟା
କୋଇନ୍ତାଙ୍କର ଅଗ୍ରତେ କହନ୍ତି ଗାନ୍ଧାରୀ
ରାଜ୍ୟ ଛାଡି ବନେ କି ଥିବୁ ଦୁଖ ପଡି । ୧୦ ।
ୟେ ସଂସାର ଦୁଖ ନ ଦେଖିବି ବୋଲି
ତେଣୁ କରି ହାଦେ ମୁଂ ଅନ୍ଧପଟଳ ବାନ୍ଧିଲି । ୧୧ ।
ଅନ୍ଧ ଅନ୍ଧୁଣୀ ଆମ୍ଭେ ହୋଇଲୁ ଅଚଳ
ସବୁ ପୁଅନ୍ତ ମାତା ଯତନେ ପ୍ରତିପାଳ । ୧୨ ।
କେତେକାଳ ବ୍ରତିବୁଂ ଆମ୍ଭେ ଅନ୍ଧ ଯେ ଅନ୍ଧୁଣୀ
ତୁହି ସେ ପଞ୍ଚୁରାଜ୍ୟକୁ ହୋଇବୁ କାରେଣୀ । ୧୩ ।
ୟେକା ପଣ୍ଡୁକୁ ମାତ୍ର ଗୋ ମୁଂ ଦେଇ ନ ପାରିବି
ତୋହୋର ଆଗ୍ୟାଂବ୍ରତୀ ହୋଇ ପୁତ୍ରେ ଥିବେ ସେବି । ୧୪ ।
ଉଠିଣ ଗାନ୍ଧାରୀ କୋଇନ୍ତାକୁ କୋଳ କଲେ
ମୁଂ ତୋହୋର ଆପାଦ ଘେନି ଯାଇଂ କି ନା ଶିର ଆଉଂଶିଲେ । ୧୫ ।
କୋଳ କରି ନେଇ କୋଇନ୍ତାଙ୍କୁ ବସାଇଲେ ରଥେ
ସହଦେବଙ୍କୁ କୋଳେ ଧଇଲେ ଦେବୀ କୋନ୍ତେ । ୧୬ ।
ଶିବପାଦ ନାମେ ରାଇଲେ କିରାତକୁ
ତୁ ବାବୁ ଅନେକ ଭଗତ ହୋଇଥିଲୁ ପଣ୍ଡୁଙ୍କୁ । ୧୭ ।
ଶତଶିଂଗ ପର୍ବତେ ରାଜ୍ୟ କର ତୁ ନିଷ୍ଟିନ୍ତେ
ୟେ ଧନମାନ ତୁ ବିଳସ ସୁଚିତ୍ତେ । ୧୮ ।
ଅନେକ ପୁରୁଷାର୍ଥ ଥାଇ ସର୍ବ ଦ୍ୱାରେ
ଜଗତ ହିତ ତୋତେ ବୋଲନ୍ତି ପଣ୍ଡୁ ନୃପବରେ । ୧୯ ।
ତୁହି ସଖା ହୋଇଲୁ ୟେହୁ ବନସ୍ତକୁ
ଅନେକ ଭଗତ ଭାବେ ଖଟିଥିଲୁ ପଣ୍ଡୁଙ୍କୁ । ୨୦ ।
ୟେବେ ୟେଥେ କିରାତ ତୁ ହୋଅ ମହୀପାଳ
ଆମ୍ଭଙ୍କୁ ସ୍ନେହ କରିଥିବୁଟି ଚିରକାଳ । ୨୧ ।

ତୁହି ସର୍ବକାଳେ ସ୍ନେହ କରିଥିବୁ ମୁକୁ
ଯେଥକୁ ଅଇଲେ ସମ୍ଭାଳିବୁ ତୁ ମୋହୋର ପୁଅଙ୍କୁ । ୨୨ ।
ଭୋ ମହତ ଗିରିବର ମୋତେ ଦୟା କରିଥିବା
ମୋହୋ ପାପ କରମେ ତୋତେ କରି ନ ପାରିଲି ସେବା । ୨୩ ।
ହିମବନ୍ତର ନନ୍ଦନ ଗିରିଜାର ଜ୍ୟେଷ୍ଠ ଭ୍ରାଥ
ଶରଣ ରକ୍ଷଣ ସ୍ୱାମୀ ତୁ ଗିରିବର ମହତ । ୨୪ ।
ପର୍ବତ ସ୍ତୁତି କର ଆସନ୍ତି ଶାକମ୍ବରୀ
ଲେଉଟି, ଲେଉଟି ଚାହିଂ ଅଇଲେ ଯୁଣ ଚାରି । ୨୫ । ସଂଖ୍ୟା
ଭୀଷ୍ମ ଭୂରିସର୍ବା ଗାନ୍ଧାରୀ କୋଇନ୍ତା ଦେବୀ
ହସ୍ତିନାକୁ ଚିଳିଲେ ବ୍ୟାସଙ୍କର ପଦ ସେବି । ୨୬ ।
ବ୍ୟାସେ ବୋଲେ ଗୋ ଶୁଣସି ଗାନ୍ଧାରୀ
ଯେମନ୍ତେ କୋଇନ୍ତାୟେ ପଣ୍ଡୁଙ୍କୁ ନ ସୁମରି । ୨୭ ।
ଯତନ କରି ଗୋ ଯେହାଙ୍କୁ ଥାଅସି ପ୍ରତିପାଳି
ତୁ ମହତ କୁଳୀଣ ଗୋ ଅଟୁ ଶୁଦ୍ଧଶାଳୀ । ୨୮ ।
ଶତଶିଂଗ ଛାଡିଲା ସେ ତୋହୋର ପ୍ରତିଆଶୁ
ଆମ୍ଭେ ହସ୍ତିନାକୁ ସମୟେକେ ଯାଇଂ ଆସୁ । ୨୯ ।
ତିଆରିଣ ବାହୁଡିଲେ ପାରେଶ୍ୱରଙ୍କ ସୁତ
ପ୍ରୟାଗେଣ ପ୍ରବେଶ ହୋଇଲେକ ତପୋବନ୍ତ । ୩୦ ।
ହସ୍ତିନାରେ ପ୍ରବେଶ ଯାଇ ହୋଇଲେ ଦେବୀ କୋନ୍ତେ
ସଞ୍ଜୟେ କହିଲେ ଧୃତରାଷ୍ଟଙ୍କ ଅଗ୍ରତେ । ୩୧ ।
ଭୋ ଧୃତରାଷ୍ଟ ଆଣିଲୁ ଆମ୍ଭେ କୋଇନ୍ତାଙ୍କୁ
କୋଳେ ନେଇ ଦିଲେ ନନ୍ଦନ ସହଦେବଙ୍କୁ । ୩୨ ।
ହୃଦେ ଭରିଣ ସେ ବୋଲଇ ଅନ୍ଧରାୟେ
ଯେହେନେକ ଅରକ୍ଷିତ ତୁ ହୋଇଲୁ ରେ ତନୟେ । ୩୩ ।
କ୍ରୋଧ ସମ୍ଭାଳମ ସେ କଲେକ ସମସ୍ତେ
ଗରୁ ଚିନ୍ତାଭରେ ସେ ରହିଲେ କୋଇନ୍ତେ । ୩୪ ।
ଯୁଝେଷ୍ଠି ଭୀମ ଅର୍ଜୁନ ନକୁଳ ସହଦେବ
ଯେ ପଞ୍ଚାନନ୍ଦନ ଯେ ହୋଇଲେ ଯେକଠାବ । ୩୫-୩୨୬୯ ।

********